**ଖୋଲିଲା ଧାନମଣ୍ଡି**

ବନ୍ତ, (ହରିନାରାୟଣ ମହାନ୍ତି): ଭଦ୍ରକ ଜିଲା ବନ୍ତସ୍ଥିତ ଚାଇଁପୁର ସେବା ସମବାୟ ସମିତିରେ ଧାନ ମଣ୍ଡିକୁ ସୋମବାର ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ବସନ୍ତ କୁମାର ରଣା, କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଅସିତ କୁମାର ସ୍ୱାଇଁ, ପରିଚାଳନା କମିଟିର ଉପସଭାପତି କମଳା ନାୟକଙ୍କ ସମେତ ସଦସ୍ୟ, ଚାଷୀ କମିଟିର ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ କାମିନୀକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସଭାପତି ଅଜୟ ନାୟକ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଅସନ୍ତୋଷ ଜାହିର କଲେ ଆର୍‌ଡିସି
#### ପୋଲ କାମ ବିଳମ୍ବ

ବାରିପଦା,୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇ ସୋମବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ନୀରିକ୍ଷଣ ଓ ସମୀକ୍ଷା କରିଛନ୍ତି। ବାରିପଦା-ଉଦଳା ରାସ୍ତାର ମଧୁବନଠାରେ ନିର୍ମାଣାଧୀନ ପୋଲ କାର୍ଯ୍ୟରେ ଅହେତୁକ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହିତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ସଦ୍‌ଭାବନା ଗୃହ ପରିସରରେ ରାଜସ୍ୱ କମିଶନର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ବିନୀତ ଭରଦ୍ୱାଜ ଓ ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଡିଓ ଏବଂ ବିଭିନ୍ନ ବିଭାଗର ଯନ୍ତ୍ରୀମାନଙ୍କୁ ନେଇ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ।

### ଜଙ୍ଗଲରୁ ଅବାଧରେ କାଠ ଚୋରି

ପାଟଣା,୮।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ପାଟଣା ସେକ୍ସନ ମଲ୍ଲିପଶି ବିଟ୍ ଏରେଣ୍ଡେଇ ତଳସାହି ଝାଟିକୁନ୍ଦର ଯୁକାଲି ପଟାସ ଜଙ୍ଗଲରୁ ଦୁର୍ବୃତ୍ତ ବଡ଼ ବଡ଼ ଗଛ କାଟି ନେଇଛନ୍ତି। ପୂର୍ବରୁ ଜଙ୍ଗଲରୁ ୭୦ ପ୍ରତିଶତ ଗଣ୍ଡି ଚୋରି ହୋଇଥିବା ବେଳେ ସୋମବାର ପୁଣି ଦୁର୍ବୃତ୍ତ ଅନେକ ଗଛ କାଟିଥିବା ଗ୍ରାମବାସୀ ଡିଏଫ୍‌ଓଙ୍କ ଦାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ବନ କର୍ମଚାରୀ ସୋମବାର ଜଙ୍ଗଲକୁ ଯାଇଥିବା ବେଳେ ଟ୍ରିପ ଟ୍ରିପ କାଠ କଟା ହୋଇପଡ଼ିଥିବା ଦେଖିଥିଲେ। ଦୀର୍ଘ ଦିନ ଧରି ମେସିନ ସହାୟତାରେ କାଠ ବ୍ୟବସାୟୀ ବେଧଡ଼କ ଭାବେ ଗଛ କାଟିଥିବା ଦେଖାଯାଇଥିଲା। ଜଙ୍ଗଲରେ ପଡ଼ିଥିବା କାଠ ଗଣ୍ଡିକୁ ବନ ବିଭାଗ ଜବତ କରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଛି। ଏ ନେଇ ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି, ଏରେଣ୍ଡେଇ ନଦୀକୂଳ ବାଲିଚର ଜମିରେ ସୋସିଆଲ ଫରେଷ୍ଟ ତରଫରୁ ବନୀକରଣ ହୋଇଥିଲା। ଏଗୁଡ଼ିକ ସବୁ ଫ୍ରି ସ୍ପେଶିସ(ଟ୍ରାଞ୍ଜିକ୍ଟ ମୁକ୍ତ କାଠ)। କେତେକ ଦୁର୍ବୃତ୍ତ କାଠ କାଟି ଚୋରାଚାଲାଣ କରୁଥିବା ଖବର ପାଇ ବନ କର୍ମଚାରୀ ପହଞ୍ଚି କାଠ ଜବତ କରିଛନ୍ତି। ଏ ନେଇ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

### ୪୨ ଅଭିଯୋଗର ଶୁଣାଣି

ବନ୍ତ,୮।୧ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ୪୨ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରେ ୩୪ଟି ବ୍ୟକ୍ତିଗତ ଓ ୮ଟି ସାମୂହିକ ସମସ୍ୟାଭିତ୍ତିକ ଅଭିଯୋଗ ଥିଲା। ଟିଁଲୋ ଗ୍ରାମର ଉପେନ୍ଦ୍ର ସାହୁଙ୍କ ମାନସିକ ରୋଗର ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୬ ହଜାର ଟଙ୍କାର ଆର୍ଥିକ ସହାୟତା ପାଇଁ ଜିଲାପାଳ ମଞ୍ଜୁର କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ସନ୍ତୋଷ ପାତ୍ର, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଡିଓ ପ୍ରଦୀପ କୁମାର ସେଠୀ, ତହସିଲଦାର ଅଙ୍କିତା ବାରିକ, ଏବିଡିଓ ନିଶିକାନ୍ତ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।

### ବାଙ୍ଗିରିପୋଷିରେ ଟସର କୃଷି ମେଳା

ବାଙ୍ଗିରିପୋଷି,୮।୧(ସଞ୍ଜୟ କୁମାର ଅଗ୍ରୱାଲ)

କେନ୍ଦ୍ରୀୟ ଟସର ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥା ରାଞ୍ଚି ଆନୁକୂଲ୍ୟରେ ବାରିପଦାସ୍ଥିତ ଆଞ୍ଚଳିକ ରେଶମ ଗବେଷଣା କେନ୍ଦ୍ର ଦ୍ୱାରା ବାଙ୍ଗିରିପୋଷି ରାଜ୍ୟ ରେଶମ ବିଭାଗ ପରିସରରେ ଏକ ଦିବସୀୟ ଟସର କୃଷି ମେଳା ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାରିପଦା ବନଖଣ୍ଡର ଏସିଏଫ ରବିନାରାୟଣ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ରେଶମ ଶିଳ୍ପ ବିଭାଗ, ଓଡ଼ିଶାର ସହାୟକ ନିର୍ଦ୍ଦେଶିକା ସୁଶ୍ରୀ ସୁଧାଂଶୁବାଳା ନାୟକ ଯୋଗଦେଇଥିଲେ। ଟସର ସଂସ୍ଥାନ ରାଞ୍ଚିର ନିର୍ଦ୍ଦେଶକ ଡ. ଏନ୍.ବି ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବୈଜ୍ଞାନିକ ଡ. ଜିତେନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳର ଟସର ସମବାୟ ସମିତିରୁ ଟସର ଚାଷୀମାନେ ଏଥିରେ ଯୋଗଦେଇଥିଲେ। ବେଣୁଧର ପଟ୍ଟନାୟକ, ଭାରତୀ ସାହାଣୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ପିଲା ରାସ୍ତାରେ ନ ହେଲେ ଗଛମୂଳେ

## ଅବ୍ୟବସ୍ଥାରେ ଅଙ୍ଗନୱାଡି କେନ୍ଦ୍ର

ଜଳେଶ୍ୱର,୮।୧(ନବୀନ କୁମାର୍ ସାହୁ)


ଅଙ୍ଗନୱାଡି ପିଲା ରାସ୍ତାରେ ବସି ଖାଉଛନ୍ତି।

ଶିଶୁମାନେ କିପରି ଆବଶ୍ୟକ ପୋଷଣରୁ ବଞ୍ଚିତ ନ ହେବେ ସେନେଇ ସରକାର ଶହ ଶହ ଯୋଜନା କରୁଛନ୍ତି। ପୋଷାକଠାରୁ ଆରମ୍ଭ କରି ପୁଷ୍ଟିକର ଖାଦ୍ୟ ପର୍ଯ୍ୟନ୍ତ ସମସ୍ତ ସାମଗ୍ରୀ ଯୋଗାଇ ଦେଉଛନ୍ତି। ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତ ବାଣିଦା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର-୧ ନାନା ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ନିଜସ୍ୱ ଗୃହ ନ ଥିବାରୁ ପିଲାମାନେ କେତେବେଳେ ରାସ୍ତାରେ ନ ହେଲେ କେତେବେଳେ ବାଉଁଶ ଗଛ ତଳେ ବସି ପଢୁଛନ୍ତି।

୨୦୦୧ରୁ ସ୍ଥାପିତ ଏହି ଅଙ୍ଗନୱାଡି କେନ୍ଦ୍ରରେ ୧୭ ପିଲା ପଢ଼ନ୍ତି। ପୂର୍ବରୁ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ଶାନ୍ତିଲତା ଜେନାଙ୍କ ଘରେ ଚାଲି ଆସୁଥିଲା। ଗତ ୪ମାସ ପୂର୍ବେ ସେହି ଅଙ୍ଗନୱାଡି କର୍ମୀ ଜଣେ ନାବାଳକଙ୍କୁ ଘରେ ରଖି ଶିଶୁ ଶ୍ରମିକ ଭାବେ ଘର କାମ କରାଉଥିଲେ। ଗ୍ରାମବାସୀ ଏହାକୁ ବିରୋଧ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପରେ ଉକ୍ତ ନାବାଳକଙ୍କୁ ଉଦ୍ଧାର କରାଯାଇଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଅଙ୍ଗନୱାଡି କର୍ମୀ ପିଲାଙ୍କ ଅଭିଭାବକ ଏବଂ ସ୍ଥାନୀୟ ସରପଞ୍ଚଙ୍କ ନାମରେ ଥାନାରେ ମିଥ୍ୟା ମାମଲା ରୁଜୁ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏହାପରଠାରୁ ଅଙ୍ଗନୱାଡି କର୍ମୀ ପିଲାମାନଙ୍କ ପ୍ରତି ରୁକ୍ଷ ବ୍ୟବହାର କରିଥିବା ଅଭିଭାବକମାନେ ଅଙ୍ଗନୱାଡି ସୁପରଭାଇଜରଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଏ ଦିଗରେ କୌଣସି ଗୁରୁତ୍ୱ ଦିଆ ନ ଯିବାରୁ ପିଲାଙ୍କୁ ଅଙ୍ଗନୱାଡି କର୍ମୀଙ୍କ ଘରକୁ ପଠାଇବେନି ବୋଲି ଅଭିଭାବକମାନେ ଅଡି ବସି ଅଙ୍ଗନୱାଡିର ସୁପରଭାଇଜର ଆରାଧନା ସେତୁଆ ଏବଂ ସିଡିପିଓ ଚମ୍ପାମଣି ମୁର୍ମୁଙ୍କୁ ଜଣାଇଥିଲେ। ସୁପରଭାଇଜର ଗୁହାରି ଶୁଣିବା ବଦଳରେ ଏହାକୁ ହାଲୁକା ଭାବେ ନେଇ ତଡିଦେଇଥିବା ଗ୍ରାମବାସୀ ଶ୍ରୀଧର ଜେନା, ଅଶୋକ ଘଡେଇ, ଯାମିନୀକାନ୍ତ ପାତ୍ର, ନରସିଂହା ହେମ୍ବ୍ରମ, ଟୁନା ହାଁସଦା, ସୁଜୟ ହାଁସଦା, ରାଧୁ ଟୁଡୁ, ଗୁହିୟା ଟୁଡୁ, ଝରଣା ଘଡେଇ, ଅନୁପମା ଜେନା ଓ ପ୍ରତିମା ଦଳେଇ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ଏନେଇ ସରପଞ୍ଚ ଜୟନ୍ତୀ ପରିଡା କହିଛନ୍ତି, ଘଟଣା ସବୁ ସତ ଏବଂ ସେଠାରୁ ତୁରନ୍ତ ସୁପରଭାଇଜରଙ୍କ ବଦଳି ସହିତ ଗ୍ରାମବାସୀଙ୍କ ନାମରେ ଥିବା ମିଛ ମାମଲା ପ୍ରତ୍ୟାହାର, ସ୍ଥାୟୀ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ସହିତ ବର୍ତ୍ତମାନ ସମୟରେ ସ୍କୁଲ ଘରେ ଅଙ୍ଗନୱାଡି ଚଲାଇବା ପାଇଁ କୁହାଯାଇଛି। ଅଙ୍ଗନୱାଡି କର୍ମୀ ଶାନ୍ତିଲତା ଜେନାଙ୍କୁ ପଚାରିବାରୁ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ତାଙ୍କୁ ଫସାଇବା ପାଇଁ ଚେଷ୍ଟା କରାଯାଉଛି ବୋଲି ସେ କହିଥିଲେ। ସିଡିପିଓ ଚମ୍ପାବତୀ ମୁର୍ମୁ କୁହନ୍ତି, ଘଟଣାର ତଦନ୍ତ ସହ ସମସ୍ୟାର ସମାଧାନ କରାଯିବ। ସ୍କୁଲ ଘରେ ଅଙ୍ଗନୱାଡି ହେବା ପାଇଁ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପାଖରେ ଦରଖାସ୍ତ ଦିଆସରିଛି ଏବଂ ସ୍ଥାୟୀ ଘର ନିର୍ମାଣପାଇଁ ଜାଗା ଚିହ୍ନଟ ସରିଛି ବୋଲି ସିଡିପିଓ ସୂଚନା ଦେଇଛନ୍ତି।

# ପୁରୀ ଗଲେ ୫୦ ରଗ୍‌ବୀ ଖେଳାଳି



ବାହାନଗା, ୮।୧(ଅରୂପ କୁମାର ଦାସ)

**'ଖେଲୋ ଇଣ୍ଡିଆ'ରେ ଭାଗ ନେବେ**

ବାଲେଶ୍ୱର ଜିଲାର ୫୦ଜଣ ଛାତ୍ରୀ ରଗ୍‌ବୀ ଖେଳ ନିମନ୍ତେ ପୁରୀରେ ଆୟୋଜିତ 'ଖେଲୋ ଇଣ୍ଡିଆ'ରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଓଡିଶା ରଗବୀ କ୍ଲବ ତତ୍ତ୍ୱାବଧାନରେ 'ଖେଲୋ ଇଣ୍ଡିଆ' ପକ୍ଷରୁ ପୁରୀର କ୍ୟାପିଟାଲ ହାଇସ୍କୁଲରେ ଅନୁଷ୍ଠିତ ହେବ। ଏନେଇ ବାଲେଶ୍ୱର ଜିଲା କିସିସ୍ ରଗ୍‌ବୀ କ୍ଲବ ତତ୍ତ୍ୱାବଧାନରେ ଜିଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟର ୫୦ଜଣ ଛାତ୍ରୀ ରଗ୍‌ବୀ ଖେଳ ପାଇଁ ମନୋନୀତ ହୋଇଛନ୍ତି। ଏଥିରେ ୧୪ରୁ ୧୮ ବର୍ଷରୁ କମ୍ ବାଳିକା ବର୍ଗର ଭାଗ ନେଇଛନ୍ତି। ଏହା ପୁରୀରେ ଚଳିତ ମାସ ୯, ୧୦, ୧୧ ତାରିଖ ୩ ଦିନ ଧରି ଖେଳ ଅନୁଷ୍ଠିତ ହେବ। ବାଲେଶ୍ୱର ଜିଲାରୁ ୫୦ଜଣ ଛାତ୍ରୀ ଜିଲା କିସିସ୍ ରଗବୀ କ୍ଲବ ସଭାପତି ପ୍ରଭାକର ମିଶ୍ର, କୋଚ୍ ତଥା କ୍ଲବ ସମ୍ପାଦକ କାଶୀନାଥ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଳିକାମାନେ ପୁରୀରେ ଅନୁଷ୍ଠିତ ଖେଳରେ ଅଂଶଗ୍ରହଣ କରିବେ। ଏମାନଙ୍କ ସହିତ ବାଳିକା ଖେଳାଳିମାନଙ୍କ ଅଭିଭାବକମାନେ ସାଥିରେ ଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

# ଗୀତ ଗାଇଲେ ଡେପୁଟି କଲେକ୍ଟର

## ଭଦ୍ରକ ସାଂସ୍କୃତିକ ମହୋତ୍ସବର ୫ମ ସନ୍ଧ୍ୟା

ଭଦ୍ରକ, ୮।୧(ରବିନାରାୟଣ ଖିଲାର)



ସ୍ୱାଧୀନତା ସଂଗ୍ରାମ, ରାଜନୀତି, ସାହିତ୍ୟ, ସଂସ୍କୃତି, ନାଟକ, କଳା, ବାଣିଜ୍ୟ ଆଦି ବହୁ କ୍ଷେତ୍ରରେ ଭଦ୍ରକର ଅବଦାନ ଅତୁଳନୀୟ ବୋଲି ଭଦ୍ରକ ଗାନ୍ଧୀପଡ଼ିଆରେ ଚାଲିଥିବା ଭଦ୍ରକ ସାଂସ୍କୃତିକ ମହୋତ୍ସବର ୫ମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟଅତିଥି, ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ ରାୟ ବିଶିଷ୍ଟ ଅତିଥି, ଅଧ୍ୟାପକ ନିହାର ରଞ୍ଜନ କର ମୁଖ୍ୟବକ୍ତା ଏବଂ ଖବରଦାତା ଡ. ହରିହର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଡେପୁଟି କଲେକ୍ଟର ଗୀତ ଗାଇଥିଲେ। କଣ୍ଠଶିଳ୍ପୀ ଶଶିକଳା ମିଶ୍ର, ଭଦ୍ରକ ଡ୍ୟାନ୍ସ ଏକାଡେମୀ, ମଉଡ଼ମଣୀ ଡ୍ୟାନ୍ସ ଗ୍ରୁପର କଳାକାରମାନେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କମିଟି ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ଆବାହକ ଅବିନାଶ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାଜପାରେ ମିଶିଲେ ଅନ୍ୟ ଦଳର ନେତା, କର୍ମୀ


ଭାଜପା ନେତାଙ୍କ ଗହଣରେ ନୂତନ କରି ଯୋଗଦେଇଥିବା ନେତା ଓ କର୍ମୀ।

ବାଲେଶ୍ୱର, ୮।୧(ମାନସ ବିଶ୍ୱାଳ)

ବାଲେଶ୍ୱର ସଦର ବ୍ଲକ ଛାନୁଆ ପଞ୍ଚାୟତରେ ସଦର ଭାଜପା ପକ୍ଷରୁ ମହାମିଶ୍ରଣ ପର୍ବ ଓ ବନ୍ଧୁମିଳନ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମଣ୍ଡଳ ସଭାପତି ବିଜୟ କୁମାର ଦାସ ପରିଚାଳନା କରିଥିଲେ। ଭାଜପା ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ତଥା ଯୁବନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଛାନୁଆ ପଞ୍ଚାୟତର ବହୁ ବିଜେଡି ଦଳର ନେତା ଏବଂ କର୍ମୀ ଦଳ ଛାଡି ବିଧିବଦ୍ଧ ଭାବେ ଭାଜପାରେ ଯୋଗଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ତଥା ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଯୁବନେତା ଦତ୍ତଙ୍କ ଦୃଢ଼ କାର୍ଯ୍ୟଦକ୍ଷତା ଏବଂ ନେତୃତ୍ୱ ଉପରେ ଭରସା ରଖି ସତ୍ୟନାରାୟଣ ବେହେରା, ରାମଚନ୍ଦ୍ର ଗୋଚ୍ଛାୟତ, ମାମା ମଲ୍ଲିକ, ଭାରତୀ ପାତ୍ର, ରେବ ମଲ୍ଲିକ, ନିମିମଣି ଜେନା, ବିଦ୍ୟାଧର ନାୟକ, ଅଗଣି ଘଡାଇ, ବିଜୁ ବେହେରା, ସ୍ୱାଭିମାନ ବେହେରା, ରମେଶ ମୁଖି, ଶ୍ରୀକାନ୍ତ ବେହେରା, ବିଷୟା ମଲ୍ଲିକ, ଯୋଗେଶ୍ୱର ମୁଖି, ଚନ୍ଦ୍ରମୋହନ ମାଝି ପ୍ରମୁଖ ବହୁ ସଂଖ୍ୟାରେ ଭାଜପାରେ ଯୋଗଦେଇଛନ୍ତି। ଦଳରେ ମିଶିଥିବା ଅନୁଭବୀ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ବୁଥସ୍ତରରେ ଦଳର ସାଙ୍ଗଠନିକ ସ୍ଥିତିକୁ ଆହୁରି ଅଧିକ ସୁଦୃଢ଼ କରିବା ସହିତ ଅଧିକରୁ ଅଧିକ ଜନତାଙ୍କ ଆସ୍ଥାଭାଜନ ହେବାରେ ସହାୟକ ହେବ ବୋଲି ଯୁବନେତା ଦତ୍ତ ମତପ୍ରକାଶ କରିଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ବରିଷ୍ଠ ନେତା ଗୌରାଙ୍ଗ ଦାସ, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ପଞ୍ଚାୟତ ସଭାପତି ଭାଗ୍ୟଧର ଦାସ, ମଣ୍ଡଳ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଣ୍ଡାପଡ଼ାରେ ଭାଜପାର କର୍ମୀ ସମ୍ମିଳନୀ

ଢେଙ୍କିକୋଟ,୮।୧(ନୀଳମଣି ମଣ୍ଡଳ)

ରାଜ୍ୟରେ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କ ପରିବାର ପ୍ରତି ରାଜ୍ୟ ସରକାରଙ୍କ ଦରଦ ନାହିଁ। ବିଜେଡି ସରକାର କର୍ପସ ଫଣ୍ଡ ଗଠନ କରି ଲୋକଙ୍କୁ ଦୀର୍ଘ ବର୍ଷ ହେବ ଭୁଆଁ ବୁଲାଇ ଚାଲିଛନ୍ତି। ଭାଜପା ରାଜ୍ୟରେ ସରକାର ଗଠନ ହେଲେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ମିଳିବ ବୋଲି କେନ୍ଦୁଝର ଜିଲା ଢେଙ୍କିକୋଟ୍ ପଣ୍ଡାପଡ଼ାଠାରେ ଆୟୋଜିତ ଭାଜପା କର୍ମୀ ସମ୍ମିଳନୀରେ ଯୁବ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁ ମତ ରଖିଛନ୍ତି। ପୂର୍ବତନ ମଣ୍ଡଳ ସଭାପତି ମୁରଲୀ ମହାନ୍ତଙ୍କ ସଭାପତିତ୍ୱ ଓ ବିଷ୍ଣୁଦତ୍ତ ବେହେରାଙ୍କ ସଂଯୋଜନାରେ ସମ୍ମିଳନୀରେ ପଣ୍ଡାପଡ଼ା, ପଟିଲୋ, ବିନିଦା, ସୁନାଟାଙ୍ଗିରୀ, ବଳଭଦ୍ରପୁର, ପୁରୁମୁଣ୍ଡା ପଞ୍ଚାୟତର ୪ ଶହରୁ ଅଧିକ କର୍ମୀ ସାମିଲ ହୋଇଥିଲେ। ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଘଷିପୁରା ନିର୍ବାଚନ ମଣ୍ଡଳୀର ଯୁବନେତା ଯଜ୍ଞ ପ୍ରସାଦ, ସମ୍ମାନିତ ଅତିଥିଭାବେ ଘଟଗାଁର ବରିଷ୍ଠ ନେତା ରାଜେନ୍ଦ୍ର ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରାର୍ଥୀ ଭଗବାନ ସାହୁ, ଲାଲ ମୋହନ ମହାରଣା, ସରପଞ୍ଚ ଗିମାଲତା ନାୟକ, ସଭ୍ୟା ପାର୍ବତୀ ବାର୍ଲ୍ଲ, ଶରତ ରଣା, ପୂର୍ବତନ ମଣ୍ଡଳ ଉପସଭାପତି ମଳୟ ନାୟକ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଗୋଲକ ବଳ, ଜିତେନ୍ଦ୍ର ପଲେଇ, ଶରତ ବେଜ, ଜଗବନ୍ଧୁ ସ, ଆନନ୍ଦ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ସୁରେଶ ମହାପାତ୍ର, ରମେଶ ମହାନ୍ତ, ପ୍ରଶାନ୍ତ ନାୟକ, ଲିଲେନ ସିଂ, ମିଲୁ ମହାକୁଡ, ଉପେନ୍ଦ୍ର ମହାକୁଡ, ଅର୍ଜ୍ଜୁନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ସୁଦାମ ନାୟକ, ପଞ୍ଚାନନ ମହାଳିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଯୁବନେତା ହୃଷୀକେଶ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ଜୁନିୟର ହ୍ୟାଣ୍ଡବଲ୍ ଚାମ୍ପିୟନଶିପ୍‌ରେ ସତ୍ୟଜିତ୍


ଖେଳାଳି ସତ୍ୟଜିତ ପାଗଳ ଓ ଅନ୍ନପୂର୍ଣ୍ଣା ରଣାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଧାମନଗର, ୮।୧(ଦେବେନ୍ଦ୍ର ଆଦିଆ)

ଜାତୀୟ ସ୍ତରରେ ଜୁନିୟର ହ୍ୟାଣ୍ଡବଲ୍ ଚାମ୍ପିୟନଶିପ୍‌ରେ ଭାଗ ନେବା ପାଇଁ ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ସତ୍ୟଜିତ ପାଗଳ(୧୬) ମନୋନୀତ ହୋଇଛନ୍ତି। ମଙ୍ଗଳବାରଠାରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନରେ ନ୍ୟାଶନାଲ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍‌ରେ ଓଡ଼ିଶାରୁ ୧୬ଜଣ ଭାଗ ନେଉଥିବା ବେଳେ ଭଦ୍ରକ ଜିଲାରୁ ଏକମାତ୍ର ଖେଳାଳି ଭାବେ ସତ୍ୟଜିତ ସ୍ଥାନ ପାଇଛନ୍ତି।

ପାହାଡ଼ପୁର ଗ୍ରାମର ମନୋରମା ପାଗଳ ଓ ନିରଞ୍ଜନ ପାଗଳଙ୍କ ପୁଅ ସତ୍ୟଜିତ। କୋଚ୍ ଜ୍ଞାନ ରଞ୍ଜନ ବେହେରା ଓ ଦିବ୍ୟଜ୍ୟୋତି ଦାସଙ୍କ ତତ୍ତ୍ୱାବଧାନରେ ସେ ଅଭ୍ୟାସ ଜାରି ରଖିଛନ୍ତି। ଆନନ୍ଦପୁର ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ସତ୍ୟଜିତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅବସରପ୍ରାପ୍ତ ଖେଳ ଶିକ୍ଷକ ବୃନ୍ଦାବନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଧ୍ୟାପକ ହିମାଂଶୁ ଶେଖର ଦାଶ, ଗଦାଧର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିଲୋଚନ ବେହେରା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଓଡ଼ିଶାରୁ ବାଳିକା ଜୁନିୟର ଖୋ ଖୋ ଜାତୀୟସ୍ତରରେ ପ୍ରତିନିଧିତ୍ୱ କରି ଖେଳିଥିବା ଆନନ୍ଦପୁରର ଅନ୍ନପୂର୍ଣ୍ଣା ରଣାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# '୨୩ ବର୍ଷ ଶାସନରେ ଆଖିଦୃଶିଆ ଉନ୍ନତି ହୋଇନାହିଁ'

ଭଦ୍ରକ, ୮।୧ (ସନାତନ ରାଉତ)

ଓଡ଼ିଶାରେ ବିଜେଡିର ୨୩ବର୍ଷ ଶାସନରେ ଆଖିଦୃଶିଆ ଉନ୍ନତି ହୋଇପାରି ନାହିଁ। ଅନୁରୂପ ଭାବେ ଭଦ୍ରକ ଜିଲାରେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ବିକାଶ ହୋଇପାରି ନାହିଁ ବୋଲି ସୋମବାର ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଞ୍ଚାନନ ରାଉତ ଅଭିଯୋଗ କରିଛନ୍ତି। ଜିଲାବାସୀଙ୍କ ପ୍ରମୁଖ ଦାବି ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା ହୋଇପାରି ନାହିଁ। ବନ୍ତ ବ୍ଲକର ଆଗରପଡ଼ା ଓ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ଭଦ୍ରକାଳୀ ଓ ଆଖଣ୍ଡଳମଣି ପୀଠକୁ ରାସ୍ତା ନିର୍ମାଣ ହୋଇପାରୁ ନାହିଁ। ମଣ୍ଡି ଖୋଲାଯାଇଥିଲେ ମଧ୍ୟ ଚାଷୀ ଉଚିତ ଦରରେ ଧାନ ବିକ୍ରି କରିପାରୁ ନାହାନ୍ତି। ବନ୍ତରେ ଦମକଳ କେନ୍ଦ୍ର ଓ କୋର୍ଟ ପ୍ରତିଷ୍ଠା ପାଇଁ ବାରମ୍ବାର ଦାବି ପରେ ମଧ୍ୟ ହୋଇପାରୁ ନ ଥିବା ଆଦି ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଭଦ୍ରକ-କରଞ୍ଜିଆକୁ ଚାରିଥାକିଆ ରାସ୍ତା ନିର୍ମାଣ ଓ ଭଦ୍ରକରେ ବାରମ୍ବାର ଦଙ୍ଗା ହେଉଥିବାରୁ ଏକ ପାରା ମିଲିଟାରୀ କ୍ୟାମ୍ପ ସ୍ଥାପନ ନେଇ ସେ ଦାବି କରିଥିଲେ। ପୂର୍ବତନ ଭାଜପା ଜିଲା ସଭାପତି ଅକ୍ଷୟ ସାହୁ, ବାମଦେବ ଦାଶ ଓ ବିକାଶ ପାଢ଼ୀ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଆଇଜିଆରଙ୍କୁ ଭେଟିଲା ସ୍ୱତନ୍ତ୍ର ଟିମ୍

## କେନ୍ଦୁଝର ଟ୍ରକ୍ ମାଲିକ ସଂଘ ନିର୍ବାଚନ ପ୍ରସଙ୍ଗ


ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ଆଇଜିଆରଙ୍କ ସହ ଆଲୋଚନା କରୁଛନ୍ତି।

କେନ୍ଦୁଝର,୮।୧(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ପ୍ରସଙ୍ଗରେ ଇନ୍ସପେକ୍ଟର ଜେନେରାଲ, ରେଜିଷ୍ଟ୍ରେସନ, ଓଡ଼ିଶା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାଟି ସୁପ୍ରିମକୋର୍ଟରେ ଖାରଜ ହେବା ପରେ ନିର୍ବାଚନ ହେବା ନେଇ ଆଶା ଉଜ୍ଜିବିତ ହୋଇଥିଲା। ଏ ନେଇ ସୋମବାର କେନ୍ଦୁଝର ଟ୍ରକ୍ ଆସୋସିଏଶନର ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ, ଅୟଶକାନ୍ତ ପଟ୍ଟନାୟକ ଓ ସଂଘର ପୂର୍ବତନ କୋଷାଧ୍ୟକ୍ଷ ପ୍ରଭାତ ରାଉତ, ଅଜୟ ମିଶ୍ର ଓ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ଏକ ପନ୍ଦର ଜଣିଆ ଦଳ କଟକସ୍ଥିତ ଆଇଜିଆରଙ୍କୁ ସାକ୍ଷାତ କରିଛନ୍ତି। ଏହି ସମୟରେ ଆଇଜିଆର ସୁବ୍ରତ କୁମାର ଶତପଥୀ ନିର୍ବାଚନ କିପରି ଯଥାଶୀଘ୍ର ହୋଇ ପାରିବ ଆଲୋଚନା କରିଥିଲେ। କୋର୍ଟ ଅର୍ଡର ଆଧାରରେ ପ୍ରଥମେ ସଂଘ ସଦଶ୍ୟତା ତାଲିକା ଯାଞ୍ଚ, ଏକ ସପ୍ତାହ ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରାଯିବାକୁ ପ୍ରତିଶ୍ରୁତି ଦେଇଥିବା ସଦସ୍ୟଙ୍କଠାରୁ ସୂଚନା ମିଳିଛି। ଏହା ବ୍ୟତୀତ କାର୍ଯ୍ୟାଳୟର ଅନୁଶାସନ ସଚିବ ସ୍ମିତା ମହାନ୍ତି କହିଥିଲେ, ସୁପ୍ରିମକୋର୍ଟରେ କେଶଟି ଖାରଜ ହେବା ଫଳରେ ନିର୍ବାଚନ କରାଯିବାରେ ଆଉ କିଛି ଅସୁବିଧା ନାହିଁ। ବହୁ ବାଧା ବିଘ୍ନକୁ ଅତିକ୍ରମ କରି ନିର୍ବାଚନ ହେବାକୁ ଯାଉଥିବାରୁ ରାମଚନ୍ଦ୍ର, ଅୟଶକାନ୍ତ ଓ ପ୍ରଭାତ ସମସ୍ତ ଟ୍ରକ୍ ମାଲିକ ସଂଘର ସଦସ୍ୟଙ୍କ ଧୈର୍ଯ୍ୟ ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି।

# ପିପିପି ମୋଡ୍ ବିରୋଧରେ ବିକ୍ଷୋଭ

କେନ୍ଦୁଝର,୮।୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରୀଛାତ୍ର, ସ୍ଥାନୀୟ ଲୋକେ ଓ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ।

କେନ୍ଦୁଝର ଜିଲାର ଏକମାତ୍ର ସରକାରୀ ଇଞ୍ଜିନିୟରିଂ କଲେଜ ଜିଇସି(ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ)ରେ ଏବେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। କଲେଜରେ କୋଟି କୋଟି ଟଙ୍କାର ଦୁର୍ନୀତି ହେବା ପରେ ଏହାର ଆର୍ଥିକ ପରିଚାଳନାକୁ ଘରୋଇ ସହଯୋଗିତା ପାଇଁ ବିଜ୍ଞାପନ ବାହାରି ଥିବାରୁ ଛାତ୍ରୀଛାତ୍ରଙ୍କ ସମେତ କେନ୍ଦୁଝରବାସୀ ଏହାକୁ ବିରୋଧ କରିଛନ୍ତି। ଏନେଇ ସର୍ବଦଳୀୟ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ବା ଜିଇସି ବଞ୍ଚାଅ ନାମରେ ଏକ ଆନ୍ଦୋଳନ ମୁଣ୍ଡ ଟେକିଛି। ଏ ନେଇ ସୋମବାର ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ସ୍ଥାନୀୟ ବୁଦ୍ଧିଜୀବୀ ଓ ରାଜନେତାମାନେ ଏକତ୍ରିତ ହୋଇ କାଳୀପଡ଼ିଆରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଯଦୁମଣି ମହଲାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଅଭିଯୋଗ ମୁତାବକ, କଲେଜରେ ବର୍ତ୍ତମାନ ଦୁର୍ନୀତି ପ୍ରତିଯୋଗିତା ଚାଲିଛି, କମ୍ପ୍ୟୁଟର କିଣାରୁ ଆରମ୍ଭ କରି ସେମିନାର କରି ଟଙ୍କା ହରିଲୁଟ, ଚା' ପିଆରେ ଅନେକ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପରି ଗୁରୁତର ଅଭିଯୋଗ ଆସିଛି। ଅନେକ କୋଟି ଟଙ୍କାର ଦୁର୍ନୀତିକୁ ଚପେଇ ଦେବାକୁ ଏବେ ଆର୍ଥିକ ପରିଚାଳନା ପିପିପି (ପବ୍ଲିକ ପ୍ରାଇଭେଟ ପାଟନର୍ସିପ୍)ମୋଡ୍‌ରେ ଚଳାଇବା ତଥା ଘରୋଇ ସଂସ୍ଥା ହାତକୁ ଟେକିଦେବାକୁ ମସୁଧା ହୋଇଛି ବୋଲି ଅଭିଯୋଗ କରିଛନ୍ତି। କେନ୍ଦୁଝର ଜିଲା ପ୍ରତି ଏହା ଅପମାନ ତେଣୁ ଜନତା ମଧ୍ୟ ପିଲାଙ୍କ ସାଥ ଦେଇଛନ୍ତି। ଏଥିସହ ଉକ୍ତ କଲେଜର ମୂଳ ସଂସ୍ଥା ଓଡ଼ିଶା ସ୍କୁଲ୍ ଅଫ ମାଇନିଂ ଧାନବାଦ ଇଣ୍ଡିଆନ ସ୍କୁଲ ଅଫ ମାଇନିଂ ସହ ଖୋଲିଥିଲା। ଆଇଏସ୍‌ଏମ ବର୍ତ୍ତମାନ ଆଇଆଇଟି ହୋଇଥିବା ବେଳେ ଡିଗ୍ରୀ ଜିଇସି ଘରୋଇକରଣ ଆଡ଼କୁ ମୁହାଁଉଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଜାନୁୟାରୀ ୧୮ ସୁଦ୍ଧା ଏହି ଘରୋଇକରଣ ଲାଗି ବାହାରିଥିବା ନୋଟିସ୍ ବିଭାଗୀୟ କର୍ତ୍ତୃପକ୍ଷ ପ୍ରତ୍ୟାହାର ନ କଲେ ଜିଲା ବ୍ୟାପୀ ଆନ୍ଦୋଳନ ଜୋରଦାର ହେବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ଛାତ୍ରୀଛାତ୍ରଙ୍କ ସହ ଜିଇସି ବଞ୍ଚାଅ ଆବାହକ ସୁନେଶ ଧୀର, ଭାଜପା ନେତା ଦିଲୀପ ପଣ୍ଡା, ନାଗରିକ କମିଟି ବରିଷ୍ଠ ସଦସ୍ୟ ଭରତ ପାତ୍ର, ଜିଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ା, କୋର୍ କମିଟି ସଦସ୍ୟ ଦିଲୀପ ସାହୁ, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ଜିଲା ଟ୍ରକ୍ ମାଲିକ ସଂଘ ସହ ସମ୍ପାଦକ ଦେବାଶିଷ ପଟ୍ଟନାୟକ, ଏଏପି ଜିଲା ସଭାପତି ମେଘନାଦ ମାଝୀ, ରାଜ୍ୟ ମହିଳା କଂଗ୍ରେସ ଉପ ସଭାନେତ୍ରୀ ସଙ୍ଗୀତା ସିଂହ, ପୂର୍ବତନ ସଦର ବ୍ଲକ୍ ଭାଇସ ଚେୟାରମ୍ୟାନ ବିଶ୍ୱନାଥ ବାରିକ, ଅନ୍ତର୍ଜାତୀୟ ମାନବାଧିକାର ସଂସ୍ଥାର ସୁକ୍ରଳ ସେଠୀ, ଧରଣୀଧର ଚେତନା ମଞ୍ଚର ମନସୁର୍ ଆଲମ, ବରିଷ୍ଠ ନାଗରିକ ମଞ୍ଚର ନବକିଶୋର ସାହୁ, ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ ଉପସ୍ଥିତ ଥିଲେ।

**ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ**
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ଘନ କୁହୁଡ଼ି ଆସ୍ତରଣରେ ରାଜପଥ**

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଅଞ୍ଚଳରେ ସୋମବାର ଦିନ ୧୧ଟା ପର୍ଯ୍ୟନ୍ତ ଘନ କୁହୁଡ଼ି ଦେଖିବାକୁ ମିଳିଛି। କୁହୁଡ଼ିର ଆସ୍ତରଣ ଯୋଗୁ ୨୨୦ ନମ୍ବର ଓ ୪୯ ନମ୍ବର ଜାତୀୟ ରାଜପଥରେ ୩ ଶହ ମିଟର ପର୍ଯ୍ୟନ୍ତ କିଛି ଦୃଶ୍ୟମାନ ହେଉ ନ ଥିବାରୁ ଗାଡ଼ି ଚଳାଚଳରେ ସମସ୍ୟା ଦେଖାଦେଇଥିଲା। ସେହିପରି ମର୍ନିଂ ୱାର୍କରେ ଲୋକଙ୍କୁ ଦେଖିବାକୁ ମିଳିନାହିଁ। ସକାଳୁ ଚଳଚଞ୍ଚଳ ହୋଇପଡୁଥିବା ପାଟଣା ଅଞ୍ଚଳର ବଜାର ଘାଟ ମଧ ଶୂନ ଶାନ ହୋଇପଡ଼ିଛି। ଥଣ୍ଡାରୁ ରକ୍ଷା ପାଇଁ ଚା’ ଦୋକାନରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି।

# ନିର୍ବାଚନ ନ ହେଲେ ଆନ୍ଦୋଳନ

## ଉଦଳା ବଣିକ ସଂଘ

ଉଦଳା,୮।୧(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ବଣିକ ସଂଘର କାର୍ଯ୍ୟକାଳ ସରିବାର ୨ବର୍ଷ ବିତି ଯାଇଥିଲେ ମଧ୍ୟ ନିର୍ବାଚନ ହେଉନାହିଁ। ଯାହାଫଳରେ ସଂଘର ପ୍ୟାଡ୍‌କୁ ବ୍ୟବହାର କରି ସଭାପତି ରବିନ୍ଦ୍ର ପରିଡ଼ା ଅନିୟମିତତା ଚଳାଇଥିବା ଅଭିଯୋଗ ଆଣିଛନ୍ତି ପୂର୍ବତନ ବଣିକ ସଂଘ ସଭାପତି ସୋମନାଥ ସାହୁ। ଏକ ଖବରଦାତା ସମ୍ମିଳନୀରେ ସେ ଅଭିଯୋଗ କରିଛନ୍ତି ଯେ, ୨୦୨୧ରୁ ନିର୍ବାଚିତ ବଣିକ ସଂଘ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ନିର୍ବାଚନ ନ ହେବାରୁ ବ୍ୟବସାୟୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ବାରମ୍ବାର ବଣିକ ସଂଘର ସଭାପତି ପରିଡ଼ା ଏବଂ ଅନ୍ୟ କର୍ମକର୍ତ୍ତାମାନେ ସଂଘର ପ୍ୟାଡ୍‌କୁ ବ୍ୟବହାର କରି ନିଜର ଫାଇଦା ଉଠାଉଛନ୍ତି। ଯାହାକୁ ନେଇ କେତେଜଣ ବ୍ୟବସାୟୀ ଉପ ଜିଲାପାଳଙ୍କଠାରୁ ଆରମ୍ଭ କରି ଜିଲାପାଳ, ଉଦଳା ବିଧାୟକଙ୍କଠାରେ ଅଭିଯୋଗ କରିଥିଲେ ସୁଦ୍ଧା ପଦକ୍ଷେପ ନିଆଯାଇନାହିଁ। ଆସନ୍ତା ଜାନୁଆରୀ ୨୬ ତାରିଖ ସୁଦ୍ଧା ନିର୍ବାଚନ ନ ହେଲେ ବ୍ୟବସାୟୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ପୂର୍ବତନ ସଭାପତି ସାହୁ ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ୟବସାୟୀ ଅଞ୍ଜନ ଚୌଧୁରୀ, ନିରଞ୍ଜନ ସାହୁ, ମାନସ ରଞ୍ଜନ ପଣ୍ଡା, କମଳାକାନ୍ତ ରଣା ଓ ଏସ୍‌କେ ରହିମ ପ୍ରମୁଖ ଉପସ୍ଥିତ ଥିଲେ।

# ଆମରଣ ଅନଶନରେ ସରପଞ୍ଚ, ସମିତିସଭ୍ୟ ସଂଘ



ଅନଶନରେ ସରପଞ୍ଚ ଓ ସମିତିସଭ୍ୟମାନେ।

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳିପଦା, ୮।୧

ବାଲେଶ୍ୱର ଜିଲା ବାଲିଆପାଳ ବିଡିଓଙ୍କ ବଦଳି ଦାବି ପୂରଣ ନ ହେବାରୁ ଚେତାବନୀ ଅନୁଯାୟୀ ସୋମବାରଠାରୁ ବାଲିଆପାଳ ବ୍ଲକ ସମ୍ମୁଖରେ ସରପଞ୍ଚ ସଂଘ ଓ ସମିତିସଭ୍ୟ ସଂଘ ପକ୍ଷରୁ ଆମରଣ ଅନଶନ ଆରମ୍ଭ ହୋଇଛି। ଏଥର ପ୍ରତିଶ୍ରୁତି ନୁହେଁ ବଦଳି ଆଦେଶ ପରେ ଆମରଣ ଅନଶନ ପ୍ରତ୍ୟାହୃତ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ପୂରଣ ହେଲାନି ଦାବି

ଏହାସହ ଚଳିତମାସ ୧୦ତାରିଖରୁ ବାଲିଆପାଳ ବ୍ଲକ ୨୮ ପଞ୍ଚାୟତର ହଜାର ହଜାର ଜନସାଧାରଣ ବିଡିଓଙ୍କ ବଦଳି ଦାବିରେ ବ୍ଲକକୁ ଘେରାଉ କରିବେ ବୋଲି ସରପଞ୍ଚ ସଂଘ ସଭାପତି ଜଗନ୍ନାଥ ବିଶ୍ୱାଳ ଓ ସମିତିସଭ୍ୟ ସଂଘ ସଭାପତି ସୁଶାନ୍ତ ସେଠୀ ଚେତାବନୀ ଦେଇଛନ୍ତି। ବିଷ୍ଣୁପୁର ସରପଞ୍ଚ ମହେଶ୍ୱର ଜେନା, ବିଷ୍ଣୁପୁର ସମିତି ସଦସ୍ୟ ଚନ୍ଦ୍ରମୋହନ ଦାସ, ନିଖିରା ସରପଞ୍ଚ ଅଞ୍ଜନ କୁମାର ଗିରି, ମଧୁପୁରା ସରପଞ୍ଚ ଗୀତାରାଣୀ ମାହାନା, ଜଗତିପୁର ସରପଞ୍ଚ ସୁବାସ ବେହେରା, ସଦସ୍ୟ ଶାନ୍ତନୁ ମହାପାତ୍ର, ବାଲିଆପାଳ ସରପଞ୍ଚ ବନଲତା ଦାସ, ଜାମକୁଣ୍ଡା ସରପଞ୍ଚ କାଞ୍ଚନବାଳା ମାହାନା, ସଦସ୍ୟ ଗାୟତ୍ରୀ ଦଳାଇ, କୁମ୍ଭାରୀ ସରପଞ୍ଚ ପଙ୍କଜିନୀ ମହାପାତ୍ର, ଘଣ୍ଟୁଆ ସରପଞ୍ଚ ସୁନୀଲ କୁମାର ପ୍ରଧାନଙ୍କ ସହିତ ଉପସ୍ଥିତ ସମସ୍ତ ସରପଞ୍ଚ ଓ ସଦସ୍ୟ ଧାରଣାରେ ବସିଛନ୍ତି।

# ମହିଳା କାଉନସିଲରଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ବାଲେଶ୍ୱର,୮।୧(ମାନସ ବିଶ୍ୱାଳ)

ବାଲେଶ୍ୱର ମିଶନ ପଡ଼ିଆରେ ଗତ ୬ ତାରିଖରେ ହୋଇଥିବା ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ କାର୍ଯ୍ୟକ୍ରମରେ ମହିଳା କାଉନସିଲରଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ସେ ସୋମବାର ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ଦୁର୍ବ୍ୟବହାର କରାଯିବା ସହ ତାଙ୍କ ମାନ ସମ୍ମାନ କ୍ଷୁଣ୍ଣ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାର ତଦନ୍ତ ଦାବି କରି ନ୍ୟାୟ ପ୍ରଦାନ ପାଇଁ ସେ ଦାବି କରିଛନ୍ତି। ପ୍ରକାଶଥାଉ କି, ଏହି କାର୍ଯ୍ୟକ୍ରମରେ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିବା ବେଳେ ମହିଳାଙ୍କ ସଂଖ୍ୟା ସର୍ବାଧିକ ଥିଲା। ଉକ୍ତ କାର୍ଯ୍ୟକ୍ରମର ଦାୟିତ୍ୱ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ତୁଲାଇଥିଲେ। ମଞ୍ଚ ସାମ୍ନାରେ ବସିବା ପାଇଁ ୧୫ହଜାରରୁ ଅଧିକ ଚେୟାର ପଡ଼ିଥିବା ବେଳେ ବିଧାୟକ, ଦଳୀୟ ବରିଷ୍ଠ କର୍ମୀ, ଗଣମାଧ୍ୟମ ପ୍ରତିନିଧିମାନଙ୍କ ପାଇଁ ସ୍ୱତନ୍ତ୍ର ବାରିକେଡ୍ କରାଯାଇଥିଲା। ଅନେକ ପଦାଧିକାରୀ ଓ ଦଳୀୟ ବରିଷ୍ଠ କର୍ମୀମାନେ ବସିବାକୁ ସିଟ୍ ନ ପାଇବାରୁ ଏକପ୍ରକାର ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ବସିବାକୁ ନ ପାଇ ଦଳୀୟ କାଉନସିଲର, ବରିଷ୍ଠ ପଦାଧିକାରୀମାନେ ଆୟୋଜକଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ନେଇ ବାକ୍ ଯୁକ୍ତି ଏବଂ ପାଟିତୁଣ୍ଡ ସହ ମୃଦୁ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ବିଜେଡିର ଜଣେ ଛାମୁଆ କର୍ମୀ ମହିଳା କାଉନସିଲରଙ୍କ ହାତ ଧରି କିଛି କହୁଥିବାର ଭିଡିଓ ଭାଇରାଲ ହେବା ପରେ ମହିଳା କାଉନସିଲର ଜଣଙ୍କ ସୋମବାର ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସହଦେବଖୁଣ୍ଟା ଥାନା ଆଇଆଇସି ପ୍ରଜ୍ଞା ମହାନ୍ତିଙ୍କୁ ପଚାରିବାରୁ, ଅଭିଯୋଗ ମିଳିଛି। ମାମଲା ରୁଜୁ ହୋଇନାହିଁ। ତଦନ୍ତ ଜାରି ରହିଥିବା ପ୍ରକାଶ କରିଥିଲେ।

# ଭଜନ କୀର୍ତ୍ତନ ଶୋଭାଯାତ୍ରାରେ ରଥ ପରିକ୍ରମା


ଚାନ୍ଦବାଲିରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା ଅବସରରେ ଶୋଭାଯାତ୍ରା।

ଧାମନଗର/ଚାନ୍ଦବାଲି/ତିହିଡ଼ି/ ବାସୁଦେବପୁର, ୮।୧(ଦେବେନ୍ଦ୍ର ଆଦିଆ/ କିଷାନ ପାତ୍ର/ ସଞ୍ଜିତ ବଳ/ ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲାର ବିଭିନ୍ନ ବ୍ଲକରେ ସୋମବାର ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ଏହି ପରିପ୍ରେକ୍ଷୀରେ ଧାମନଗର ଏନ୍‌ଏସି ଅଧୀନ ୧ ନଂ. ୱାର୍ଡର କାଂକରା ଗ୍ରାମସ୍ଥିତ ପଞ୍ଚତୀର୍ଥ ଜଗନ୍ନାଥ ମନ୍ଦିରରୁ ଶୁଭାରମ୍ଭ ହୋଇ ରଥ ପରିକ୍ରମା କରିଥିଲା। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନୀ କାଦରୀ, ବିଜେଡି ନଗର ସଭାପତି ସୁଶାନ୍ତ ରାଉତ, ଏମ୍‌ପି ପ୍ରତିନିଧି ଜଗଦୀଶ ପାତ୍ରଙ୍କ ସମେତ ଦଳୀୟ କାଉନସିଲର ଓ ଦଳୀୟ କର୍ମୀ ଏଥିରେ ସାମିଲ ଥିଲେ। ସେହିପରି ଅର୍ଜୁନପୁର ପଞ୍ଚାୟତ ରାଉତସାହି ଜଗନ୍ନାଥ ମନ୍ଦିରରୁ ଏହି ରଥକୁ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଶୁଭାରମ୍ଭ କରିଥିଲେ। ଏହି ଆନନ୍ଦପୁର, ମୁସ୍ତାଫାପୁର, ଦଳାଙ୍ଗ, ପଧାନି, ସୋହଡ଼ା, ଭଗବାନପୁର, କଲ୍ୟାଣୀ, ଦଇପୁର, ବୟାଙ୍ଗଡିହୀ, ଧୂଷୁରୀ, ନଦୀଗାଁ, ରଇପୁର, ଅସୁରାଳି, କଟସାହି, ବମକୁରା ଓ ଫତେପୁର ପଞ୍ଚାୟତ ବୁଲିଛି।

ଚାନ୍ଦବାଲି ବ୍ଲକ ପରିସରରେ ରଥର ଶୁଭାରମ୍ଭ କରାଯାଇଛି। ୩୬ ପଞ୍ଚାୟତକୁ ୧୨ଟି ରଥ ପରିକ୍ରମା କରିବ। ସକାଳେ ମିଶନ ଶକ୍ତି ମହିଳାମାନେ ବ୍ଲକ ପରିସରରେ ଝୋଟି, ମୁରୁଜରେ ଶ୍ରୀଜଗନ୍ନାଥଙ୍କ ଚିତ୍ର ଆଙ୍କିଥିଲେ। ବିଡିଓ ଅସିତ କୁମାର ମହାନ୍ତି ଓ ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ବଳ ଶୁଭାରମ୍ଭ କରିଥିଲେ। କୀର୍ତ୍ତନ ମଣ୍ଡଳୀଙ୍କ ଶୋଭାଯାତ୍ରାରେ ଏହି ରଥ ବୁଲିବା ସହ ଶ୍ରଦ୍ଧାଳୁମାନେ ଗୁଆ ଓ ଚାଉଳ ଅର୍ପଣ କରିଥିଲେ। ଜିଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ପ୍ରିୟବ୍ରାକେଶ ନାୟକ, ଅକ୍ଷୟ ନାୟକ, ପଟେଲ ସୂତାର, ପଞ୍ଚାୟତ ଅଧିକାରୀ ରାଜେନ୍ଦ୍ର ଦାସଙ୍କ ସହ ବ୍ଲକ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ବିଜୟନଗର ପଞ୍ଚାୟତରେ ମହାଦେବ ମନ୍ଦିର ପରିସରରୁ ମୁଖ୍ୟଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଅକ୍ଷୟ କୁମାର ନାୟକ ଏହି ରଥର ଶୁଭାରମ୍ଭ କରିଥିଲେ। ସରପଞ୍ଚ ଦିଲୀପ କୁମାର ରାଉତ, ଜିଆର୍‌ଏସ୍ କମଳାକାନ୍ତ ଜେନାଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

ତିହିଡ଼ି ବ୍ଲକ କାର୍ଯ୍ୟାଳୟରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଗୁଆ ଓ ଅରୁଆ ଚାଉଳ ଅର୍ପଣ କରି ଏହି ରଥର ଶୁଭାରମ୍ଭ କରିଥିଲେ। ସଂକର୍ତ୍ତନ ଦଳ ସହ ୪ଟି ରଥ ବିଭିନ୍ନ ପଞ୍ଚାୟତ ପରିକ୍ରମା ଲକ୍ଷ୍ୟରେ ବହାରିଥିଲା। ବିଡିଓ ଜ୍ୟୋତିର୍ମୟ କର, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଏବିଡିଓ ମାନସ କୁମାର ଜେନା, ଏମ୍‌ପିଙ୍କ ପ୍ରତିନିଧି ଚିନ୍ତାମଣି ଦାସ, ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରବୀର ନାୟକ, ବିଜେଡି ଜିଲା ଉପସଭାପତି ସୁରେନ୍ଦ୍ର ନାୟକ, ସରପଞ୍ଚ ସୁପ୍ରଭା ପାଣି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ ପ୍ରମୁଖ ଏଥିରେ ସାମିଲ ଥିଲେ।

ସେହିପରି ବାସୁଦେବପୁର ବ୍ଲକର ଶାଶୁଭୁଆଶୁଣୀ ପଞ୍ଚାୟତରେ ଏହି ରଥ ଘର ଘର ବୁଲି ଗୁଆ ଓ ଚାଉଳ ସଂଗ୍ରହ କରିଥିଲା। ଗମେଇ ନଦୀକୂଳରେ ଥିବା ମା’ ଶାଶୁଭୁଆଶୁଣୀଙ୍କ ପୀଠରେ ରଥକୁ ପୂଜାର୍ଚ୍ଚନା କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀଧର ମାଝୀ, ସମିତିସଭ୍ୟ ନନ୍ଦୁଲାଲ ମଲିକ, ସାମାଜିକ କର୍ମୀ ସୁନନ୍ଦ ମଲିକ, ସରପଞ୍ଚ ରାମଚନ୍ଦ୍ର ଗିରିଙ୍କ ସହ ବିଭିନ୍ନ ବର୍ଗର ଲୋକ ଏଥିରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ସନ୍ଦେହଘେରରେ ହୋଟେଲ କର୍ମଚାରୀଙ୍କ ମୃତ୍ୟୁ

ଖଇରା, ୮।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କୁପାରୀ ବଜାରର ଏକ ହୋଟେଲରେ କାମ କରୁଥିବା ଯୁବକ ପୂର୍ବାହ୍ନରେ ହୋଟେଲ ପରିସରରେ ବେକରେ ରଶି ଲଗାଇ ଫ୍ୟାନରେ ଝୁଲି ମୃତ୍ୟୁବରଣ କରିଛନ୍ତି। ୨ମାସ ଧରି କର୍ମଚାରୀ ଭାବେ କାମ କରୁଥିବା ମାଖନପୁର ଗ୍ରାମର ହିମାଂଶୁ ବେହେରା ସୋମବାର ସକାଳେ ହୋଟେଲ ପାଇଁ ସଉଦା ଆଣିଥିବା ବାଜାରବାସୀଙ୍କଠାରୁ ଜାଣିବାକୁ ମିଳିଛି। ସମୟ ପାଖାପାଖି ସାଢ଼େ ୧୦ଟା ବେଳେ ମାଲିକ ସତ୍ୟଜିତ ସାମଲ ହେଟେଲକୁ ଆସି ହିମାଂଶୁ ମୃତଦେହ ଝୁଲୁଥିବା ଏବଂ କାନରେ ରୁ ଟୁଥ ଲାଗିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ବାଲେଶ୍ୱରରୁ ସାଇଣ୍ଟିଫିକ ଟିମ ଘଟଣାର ଅନୁସନ୍ଧାନ କରି ଫେରିଥିବା ବେଳେ ମା’ ସବିତା ଅଭିଯୋଗରେ ପୁଅକୁ ମାରିଦିଆଯାଇଥିବା କହିଛନ୍ତି। ଖଇରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧/୨୪) ରୁଜୁ ହୋଇଛି।

### ପାଟଣା ବ୍ଲକ୍‌ରେ ନୂତନ ଏବିଡିଓଙ୍କ ଯୋଗଦାନ

ପାଟଣ,୮।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ରେ ନୂତନ ଏବିଡିଓ ଭାବେ ଚିତ୍ତରଞ୍ଜନ ନାୟକ ସୋମବାର ଯୋଗଦାନ କରିଛନ୍ତି। ପୂର୍ବରୁ ସେ ଘଟଗାଁ ବ୍ଲକ୍‌ରେ ଏବିଡ଼ିଓ ଭାବେ କାର୍ଯ୍ୟରତ ଥିଲେ। ଜଣେ କବି ଭାବେ ଚିତ୍ତରଞ୍ଜନଙ୍କ ସୁଖ୍ୟାତି ରହିଛି। ତାଙ୍କର ଚାରିଗୋଟି କବିତା ସଙ୍କଳ ପ୍ରକାଶିତ ହେବାସହ ବହୁଲେଖା ବିଭିନ୍ନ ପତ୍ରପତ୍ରିକା ଓ ଖବରକାଗଜରେ ପ୍ରକାଶିତ ହୋଇସାରିଛି।

### ଯୁଗ୍ମ ଜନଶୁଣାଣିରେ ୭୯ ଅଭିଯୋଗ

ଜଳେଶ୍ୱର, ୮।୧(ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୯ ଅଭିଯୋଗର ଶୁଣାଣି ହୋଇଛି। ଶିବିରରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଏସ୍‌ପି. ସାଗରିକା ନାଥ, ଏଡିଏମ୍ ପ୍ରିୟଦର୍ଶନୀ ମଲ୍ଲିକ, ପିଡି ବିଶ୍ୱରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇ ଅଭିଯୋଗ ଗ୍ରହଣ କରି ସେଗୁଡିକର ଶୁଣାଣି କରିଥିଲେ। ଜିଲା ଓ ବ୍ଲକର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିବା ବେଳେ ପୂର୍ବ ଜନଶୁଣାଣିରେ ହୋଇଥିବା ଅଭିଯୋଗର ଠିକ୍ ଭାବେ ସମାଧାନ ହେଉ ନଥିବାରୁ ଅଭିଯୋଗକାରୀମାନେ ବାରମ୍ବାର ଶୁଣାଣିକୁ ଆସୁଛନ୍ତି ବୋଲି କେତେକେ ନିଜ ନାମ ପ୍ରକାଶ ନ କରି କହିଛନ୍ତି।

### ଯାତ୍ରା ଦେଖିବା ମହଙ୍ଗା ପଡିଲା ଘରେ କଳାକନା ବୁଲାଇଦେଲେ ଚୋର

ଖଇରା, ୮।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଡଗରପଡା ଗ୍ରାମର ପ୍ରଭାତ ଦଳେଇଙ୍କ ଘରୁ ରବିବାର ରାତିରେ ଚୋର କଳକନା ବୁଲାଇ ଦେଇଛନ୍ତି। ଏ ନେଇ ଖଇରା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୫/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଡଗରପଡ଼ାରେ ଏକ ଯାତ୍ରା ପାର୍ଟି ଚାଲିଥିବା ବେଳେ ପ୍ରଭାତ ଓ ତାଙ୍କ ପରିବାର ଲୋକେ ଯାତ୍ରା ଦେଖିବାକୁ ଯାଇଥିଲେ। ଏହି ସମୟରେ ଚୋର ପଶି ଅନ୍ୟୁନ ୮ଲକ୍ଷ ଟଙ୍କାର ଅଳଙ୍କାର, ଆସବାବପତ୍ର ନେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

# ୪ବର୍ଷ ୮ମାସର ରିପୋର୍ଟ କାର୍ଡ ଦେଲେ ବିଧାୟକ

ନୀଳଗିରି, ୮।୧(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ବିକାଶ ଏବଂ ଉନ୍ନୟନ କାର୍ଯ୍ୟର ବିବରଣୀ ଦେଇଛନ୍ତି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ। ଗତ ୪ ବର୍ଷ ୮ ମାସ ଭିତରେ ବିଧାୟକ ନାୟକ ଏବଂ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମିଳିତ ପ୍ରଚେଷ୍ଟାରେ କେନ୍ଦ୍ର ଓ ରାଜ୍ୟଠାରୁ ବିଭିନ୍ନ ଯୋଜନା ମାଧ୍ୟମରେ ଅନୁଦାନ ଆଣି ହୋଇଥିବା କାର୍ଯ୍ୟର ରିପୋର୍ଟ କାର୍ଡ ରବିବାର ନୀଳଗିରି ବଡ଼ ଦାଣ୍ଡରେ ଥିବା ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ଉପସ୍ଥାପିତ କରିଛନ୍ତି।

ବିଧାୟକ ନାୟକ କହିଛନ୍ତି, ଯେଉଁମାନେ ତାଙ୍କୁ ଭୋଟ ଦେଇ ବିଧାନସଭାକୁ ପଠାଇଛନ୍ତି ସେମାନଙ୍କର ଜାଣିବାର ଅଧିକାର ରହିଛି, ନିର୍ଦ୍ଦିଷ୍ଟ ଭାବେ କି କାମ ସବୁ ହୋଇଛି। ୨୦୧୯ଠାରୁ ଅଦ୍ୟାବଧି ନୀଳଗିରି ନିର୍ବାଚନ ମଣ୍ଡଳୀରେ ୨୬.୮୯କୋଟି, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଡିଭିଜନ-୨ରେ ୪୮.୫୦କୋଟି, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଡିଭିଜନ-୧ରେ ୯୫.୦୭ କୋଟି, ବିଲ୍ଡିଂ ବାବଦରେ ୮କୋଟି, ଗ୍ରାମାଞ୍ଚଳ ରାସ୍ତା ବାବଦରେ ୮୨.୯୭ କୋଟି, ଡ୍ରେନେଜ ଡିଭିଜନ ବାଲେଶ୍ୱର-୧ ବାବଦରେ ୫.୨୪କୋଟି, ଆନନ୍ଦପୁର ବ୍ୟାରେଜ୍ ପାଇଁ ୨୧୨କୋଟି, ନୀଳଗିରି ନିର୍ବାଚନମଣ୍ଡଳୀ ଜଳସେଚନ ବାବଦରେ ୧୨.୮୩ କୋଟି, କ୍ଷୁଦ୍ର ଜଳସେଚନ ବାବଦରେ ୧୭.୭୭କୋଟି, ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ପାଇଁ ୭୫.୫୯କୋଟି, ନୀଳଗିରି ସହରାଞ୍ଚଳ ଜଳ ଯୋଗାଣ (ପି.ଏଚ୍) ପାଇଁ ୧୭.୨୭ କୋଟି, ଆଇଟିଡିଏ ପାଇଁ ୭.୧୪ କୋଟି, ପିଡବ୍ଲୁଡି ରାସ୍ତା ଡିଭିଜନ-୧ ପାଇଁ ୧୩୪.୮କୋଟି, ପିଡବ୍ଲୁଡି ଡିଭିଜନ-୧ ବ୍ରିଜ ନିର୍ମାଣ ପାଇଁ ୧୦୪.୬୪କୋଟି, ପିଡବ୍ଲୁଡି ବିଲ୍ଡିଂ ପାଇଁ ୨୨.୪୭ କୋଟି, ଓଡ଼ିଶା କୁଟୀର ଶିଳ୍ପ ନିଗମ ନୀଳଗିରି ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ଥିବା କଳିଙ୍ଗ ମଡେଲ ରେସିଡେନ୍‌ସିଆଲ୍ ସ୍କୁଲ ଏବଂ ଏକଲବ୍ୟ ବିଦ୍ୟାଳୟର ଛାତ୍ରାବାସ, ବ୍ରିଜ୍ ଆଦି ନିର୍ମାଣ ବାବଦରେ ୩୮ କୋଟି ଏବଂ କେନ୍ଦ୍ର ଅର୍ଥ କମିଶନ ବାବଦରେ ୧୨୧କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ବିଧାୟକ ନାୟକ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ରଧାଗୋବିନ୍ଦ ଖଟୁଆ, ଚନ୍ଦ୍ରଶେଖର ନନ୍ଦ, ଉଷାରାଣୀ ରାଉଳ, ଚନ୍ଦ୍ରବିନ୍ଦୁ ଦାସ, ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ଦାସ ପ୍ରମୁଖ ବହୁ ଭାଜପା ନେତା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

# ଅଭିଯୋଗ ରଖୁନି ପୋଲିସ

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

କେନ୍ଦୁଝର,୮।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପଣ୍ଡାପଡ଼ା ପୋଲିସ ଏକ ଘଟଣାରେ ଅଭିଯୋଗ ପତ୍ର ରଖି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡ଼ିତା ମହିଳା ସୋମଗିରି ଗ୍ରାମର ବିମଳା ବାରିକ ସୋମବାର ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ବିମଳାଙ୍କ ସ୍ୱାମୀ ଏକ ମାମଲାରେ ଜେଲରେ ରହିଛନ୍ତି। ସେ ଦୁଇ ଶିଶୁଙ୍କ ସହିତ ଘରେ ରହୁଛନ୍ତି। ସେ ତାଙ୍କ ଘର ପଛରେ ପ୍ରତି ବର୍ଷ ଭଳି ଅଦା, ହଳଦି ଆଦି ଚାଷ କରନ୍ତି। ସେ ବାପଘରକୁ ବୁଲିବାକୁ ଯାଇଥିବା ବେଳେ ଉକ୍ତ ଗ୍ରାମର କିଛି ଲୋକ ଘରେ ଥିବା କୁକୁଡ଼ା ଓ ଫସଲ ଚୋରି କରିନେଇଛନ୍ତି। ଘରକୁ ଫେରିବା ପରେ ଖବର ପାଇ ସେମାନଙ୍କୁ ପଚାରିବାରୁ ସେମାନେ ଟଣାଓଟରା କରି ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏ ନେଇ ଗତ ୨ ତାରିଖରେ ପଣ୍ଡାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାରେ ଗ୍ରାମର ଗ୍ରାମରକ୍ଷୀଙ୍କ ସମ୍ପୃକ୍ତି ଥିବା ଏବଂ ଅଭିଯୋଗ ପତ୍ରରେ ତାଙ୍କ ନାମ ଥିବାରୁ ପୋଲିସ ଅଭିଯୋଗ ଗ୍ରହଣ ନ କରି ଫେରାଇ ଦେଇଥିଲା। ଏଣୁ ସେ ଅସୁରକ୍ଷିତ ଅବସ୍ଥାରେ ରହୁଥିବା ବେଳେ ନ୍ୟାୟ ପାଇଁ ଛୁଆପିଲାଙ୍କ ଧରି ଏସ୍‌ପିଙ୍କ ପାଖରେ ଅଭିଯୋଗ କରିଛନ୍ତି।

# ଶଙ୍ଖ, ହୁଳହୁଳିରେ ଉଚ୍ଛୁଳୁଛି ଗାଁ ଦାଣ୍ଡ


ଉଦଳାରେ ଜଗନ୍ନାଥ ଅର୍ପଣ ରଥକୁ ସ୍ୱାଗତ କରାଯାଉଛି।

ବାରିପଦା,୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ବିଶ୍ୱ ନିୟନ୍ତା ପ୍ରଭୁ ଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ନେଇ ଅର୍ପଣ ରଥ ପରିକ୍ରମା କରୁଛି। ଜୟ ଜଗନ୍ନାଥ ଧ୍ୱନିରେ ପ୍ରତି ଗାଁ ପ୍ରକମ୍ପିତ ହେଉଛି। ଭଜନ କୀର୍ତ୍ତନ ସାଙ୍ଗକୁ ଶଙ୍ଖ,ହୁଳହୁଳି ଶବ୍ଦରେ ଗାଁ ଦାଣ୍ଡ ଉଚ୍ଛୁଳି ପଡୁଛି। ଝୋଟି ମୁରୁଜରେ ରଥକୁ ସ୍ୱାଗତ କରାଯାଉଛି। ମହିଳାମାନେ ଘରୁ ଅକ୍ଷତ ଚାଉଳ, ଗୁଆ, ନଡ଼ିଆ ଏବଂ ପୂଜାସାମଗ୍ରୀ ପ୍ରଦାନ କରିବାରେ ଲାଗିଛନ୍ତି।

ସୋମବାର ବାରିପଦା ପୌର ପରିଷଦର ୱାର୍ଡନଂ.୧,୨,୧୭ ଓ ୨୩ରେ ରଥ ପରିକ୍ରମା କରିଥିଲା। ଏହି ଅବସରରେ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷା ସୀମା ଦାସ, ୧ନଂ. କାଉନସିଲର ସୁକେଶିନୀ ସେଠୀ, ୨ନଂ. କାଉନସିଲର ଅନୁରାଧା ମହାନ୍ତି, ୨୩ନଂ. କାଉନସିଲର ଅନନ୍ତ ଦାସ ଓ ଅନ୍ୟ କାଉନସିଲରମାନେ ଉପସ୍ଥିତ ଥିଲେ। ଜିଲାର ୨୬ଟି ବ୍ଲକ ମଧ୍ୟରୁ ଅଧିକାଂଶ ବ୍ଲକରେ ଏହି ରଥ ପରିକ୍ରମା ଜାରି ରଖିଛି। ଉଦଳା ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ଉପାଧ୍ୟକ୍ଷା ରଜନୀ ଦାସ, ବିଡିଓ ତୃପ୍ତି ବରାଇ, ଏବିଡିଓ ଶରତ ଚନ୍ଦ୍ର ମହାନ୍ତି, ପଞ୍ଚାୟତ ଅଧିକାରୀ ଉପେନ୍ଦ୍ର ସୋରେନ ପ୍ରମୁଖ ଉପସ୍ଥିତ ରହି ଅର୍ପଣ ରଥର ଶୁଭାରମ୍ଭ କରିଥିଲେ। ମୋରଡ଼ା, ଶୁଳିଆପଦା, ରାସଗୋବିନ୍ଦପୁର, ଖୁଣ୍ଟା, ବଡ଼ସାହି, ବେତନଟୀ, ଠାକୁରମୁଣ୍ଡା, ରାଇରଙ୍ଗପୁର, କରଞ୍ଜିଆ, ଯଶିପୁର, ବିଶୋଇ, ଗୋପବନ୍ଧୁ ନଗର ଆଦି ବ୍ଲକର ବିଭିନ୍ନ ପଞ୍ଚାୟତରେ ଅର୍ପଣ ରଥକୁ ସ୍ୱାଗତ କରାଯାଇଛି।

# ସରିଲା ବୈଶିଙ୍ଗା ମହୋତ୍ସବ

ବୈଶିଙ୍ଗା,୮।୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗାଠାରେ ଚାଲିଥିବା ବୈଶିଙ୍ଗା ମହୋତ୍ସବ-୨୦୨୪ ଉଦ୍‌ଯାପିତ ହୋଇଯାଇଛି। କମିଟିର ସଭାପତି ଦେବେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଉପ ଜିଲାପାଳ ରଜନୀକାନ୍ତ ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ଶ୍ରୀମା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଶ୍ୟାମସୁନ୍ଦର ଦାସ ଯୋଗଦେଇଥିଲେ। କମିଟିର ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୩୫ ବ୍ୟାଟେରି ଚାଳିତ ହ୍ୱିଲ୍ ଚେୟାର ପ୍ରଦାନ



## ଚମ୍ପୁଆରେ ଜନ ଅଭିଯୋଗ ଶୁଣାଣି

ଚମ୍ପୁଆ, ୮।୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ସଭାଗୃହଠାରେ ସୋମବାର ଏକ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜା ରଞ୍ଜିତ ପ୍ରତାପ ବଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ, ଜିଲା ପୋଲିସ ମୁଖ୍ୟ କୁଶଲକର ନିତିନ ଦାଗୁଡୁ, କେନ୍ଦୁଝର ବନଖଣ୍ଡ ଅଧିକାରୀ ଡିଡି ହନୁମନ୍ତଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲା ଅଧିକାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୯୧ ଗୋଟି ଅଭିଯୋଗ ଆଗତ ହୋଇଥିବା ବେଳେ ବିଶେଷ ଭାବରେ ଭତ୍ତା, ଆବାସ, ରାସନ କାର୍ଡ, ଜମି ଜମା ବିବାଦ, ମଣ୍ଡପ ନିର୍ମାଣ, କେନ୍ଦ୍ରୀୟ ବିଦ୍ୟାଳୟ, ମହତାବ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିଯୁକ୍ତି, ଚମ୍ପୁଆରେ ବାଇପାସ ନିର୍ମାଣ, ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଉପରେ ଅଭିଯୋଗ ମାନ ଆସିଥିଲା। ଏହି ପରିପ୍ରେକ୍ଷୀରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟ, ଚମ୍ପୁଆ ବ୍ଲକ୍ ଚେୟାରମ୍ୟାନ ଶୁରେସ ନାଏକଙ୍କ ଉପସ୍ଥିତିରେ ଦିବ୍ୟାଙ୍ଗମାନଙ୍କୁ ୩୫ ଗୋଟି ବ୍ୟାଟେରୀ ଚାଳିତ ହ୍ୱିଲ ଚେୟାର ଓ ୧୦ ଜଣଙ୍କୁ ଆଶା ବାଡ଼ି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇଥିଲେ।

# ‘ଛାତ୍ରୀଛାତ୍ର ବିଦ୍ୟାଳୟର ଶ୍ରେଷ୍ଠ ସମ୍ପଦ’

## ଅଟଳ ବିହାରୀ ହାଇସ୍କୁଲର ପ୍ଲାଟିନମ୍ ଜୁବିଲି ସମାରୋହ ଉଦ୍‌ଯାପିତ

ବାସୁଦେବପୁର, ୮।୧(ନାରାୟଣ ପ୍ରସାଦ ବାରିକ)

ଭଦ୍ରକ ଜିଲା ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟରେ ୩ଦିନ ଧରି ଚାଲିଥିବା ପ୍ଲାଟିନମ୍ ଜୁବିଲି ସମାରୋହ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଉଦ୍‌ଯାପନୀ ସମାରୋହକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ର ବିଦ୍ୟାଳୟର ଶ୍ରେଷ୍ଠ ସମ୍ପଦ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ୨ହଜାର ଏକର ଜମିରେ ଧାମରା ଓ ବାସୁଦେବପୁର ସଂଲଗ୍ନ ଅଞ୍ଚଳରେ ଆଗାମୀ ଦିନରେ ଏକ ଶିଳ୍ପ ପ୍ରତିଷ୍ଠା କରାଯିବ, ଯାହା ବିକାଶର ମୁଖଶାଳା ବୋଲି କହିଥିଲେ। ତିରୁପତି, ପୁରୀ ଓ କିସ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟବକ୍ତା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ପୌରାଧ୍ୟକ୍ଷ ଅଶୋକ କୁମାର ଦାସ, ପ୍ରଧାନଶିକ୍ଷକ ପଦ୍ମନାଭ ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ଅଭ୍ୟର୍ଥନା କମିଟି ସଭାପତି ଅମୀୟ କୁମାର ପଟ୍ଟନାୟକ ଯୋଗ ଦେଇଥିବା ବେଳେ ପୁରାତନ ଛାତ୍ରସଂସଦର ସଭାପତି ଦୁଶାସନ ରାଉତ ସଭାପତିତ୍ୱ କରିଥିଲେ। ସମ୍ପାଦକ କିଶୋର କୁମାର ମହାପାତ୍ର ସମ୍ପାଦକୀୟ ମତ ରଖିଥିଲେ। ଏହି ଅବସରରେ ସ୍ମରଣିକା ‘ଅଟଳାୟନ’ ଉନ୍ମୋଚିତ ହୋଇଥିଲା। କୃତୀ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚାରାରୋପଣ, ବହିମେଳା ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। କୃପାସିନ୍ଧୁ ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ରତ୍ନାକର ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ମହେଶ ଚନ୍ଦ୍ର ଦାସ, ଅଭିମନ୍ୟୁ ବେହେରା, ସୁଧାଂଶୁ ମିଶ୍ର, ପ୍ରହ୍ଲାଦ ବାରିକ, ବାଦଲ ନାୟକ, ଭାଗୀରଥି ବଳ, ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।


ସମାରୋହରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ସଂକୀର୍ତ୍ତନ ସହ ଗଳିକନ୍ଦି ବୁଲୁଛି ଅର୍ପଣ ରଥ

ବଡ଼ବିଲ,୮।୧(ଦେବପ୍ରିୟ ରଣା)

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ନିମନ୍ତେ କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳରେ ରବିବାର ଅପରାହ୍ନରୁ ଜୟ ଜଗନ୍ନାଥ ଅର୍ପଣ ରଥ ୧୫ ଟି ୱାର୍ଡକୁ ପରିକ୍ରମା କରୁଛି। ସଂକୀର୍ତ୍ତନ ଦଳର ମୃଦଙ୍ଗ, ଝାଞ୍ଜ, ଖୋଳ, ଶଙ୍ଖ ନାଦ ତାଳେ ତାଳେ ହରେରାମ ହରେକୃଷ୍ଣ ଓ ଜୟ ଜଗନ୍ନାଥ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହେଉଛି। ସୋମବାର ରଥ ୧୫ ନମ୍ବର ୱାର୍ଡରେ ବୁଲି ଅକ୍ଷତ ଚାଉଳ, ଗୁଆ ସଂଗ୍ରହ କରିଛି। ପରିକ୍ରମା ସମୟରେ ପୌରାଧ୍ୟକ୍ଷ, ପୌର ନିର୍ବାହୀ ଅଧିକାରୀଙ୍କ ସହ କାଉନ୍‌ସିଲର, ବିଜେଡି କର୍ମୀ ଏବଂ ବିପୁଳ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗ ଦେଉଛନ୍ତି।

# ଚମ୍ପୁଆ ଏନ୍‌ଏସିରେ ବୁଲିଲା ଜୟ ଜଗନ୍ନାଥ ଅର୍ପଣ ରଥ

ଚମ୍ପୁଆ,୮।୧(ମହେଶ୍ୱର ଦାସ)

ପୁରୀଠାରେ ଜାନୁଆରୀ ୧୭ ତାରିଖରେ ହେବାକୁ ଥିବା ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପରିପ୍ରେକ୍ଷୀରେ ଶ୍ରୀ ଜଗନ୍ନାଥ ଅର୍ପଣ ରଥ ସୋମବାର ଚମ୍ପୁଆ ଏନ୍‌ଏସିରେ ଶୁଭାରମ୍ଭ କରାଯାଇଛି। ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ଓ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ ପୂଜାର୍ଚ୍ଚନା କରିବା ପରେ ରଥ ୧ ନମ୍ବର ୱାର୍ଡ ଅଭିମୁଖେ ଯାତ୍ରା କରିଥିଲା। ଭଜନ, କୀର୍ତ୍ତନ ଓ ଆଧ୍ୟାତ୍ମିକ ପରିବେଶରେ ଘରକୁ ଘର ବୁଲିବା ସହିତ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ଏନ୍‌ଏସିର ସମସ୍ତ କର୍ମଚାରୀ, ସ୍ୱୟଂସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ। ଆସନ୍ତା ୧୨ ତାରିଖ ମଧ୍ୟରେ ରଥ ଏନ୍‌ଏସିର ୧୩ ଗୋଟି ୱାର୍ଡରେ ପରିକ୍ରମା କରିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

